# ସହର ଅଳିଆକୁ ନେଇ ବଢ଼ିଲା ଚିନ୍ତା

- ୨ ଦିନ ହେଲା ଡମ୍ପିଂୟାର୍ଡକୁ ଯାଉନି ଅଳିଆ,
- ସହରରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା
- ୬ ନଂ. ୱାର୍ଡରେ ଠେଙ୍ଗାବାଡ଼ି ଧରି ବିରୋଧ


୬ନଂ. ୱାର୍ଡ କାଉନସିଲର ଅଳିଆକୁ ବିରୋଧ କରୁଛନ୍ତି।

ଅନୁଗୋଳ, ୧୫।୩ (ଅମିତ କୁମାର ସାମଲ)

ସହରର ଅଳିଆକୁ ନେଇ ଚିନ୍ତାରେ ପଡ଼ିଛି ଅନୁଗୋଳ ପୌରପାଳିକା। ଦୈନିକ ଉଠାଯାଉଥିବା ଆବର୍ଜନା ପାଇଁ ପଞ୍ଚମହଲାଠାରେ ଡମ୍ପିଂୟାର୍ଡ କରାଯାଇଛି। କିନ୍ତୁ ୨ ଦିନ ହେବ ସେଠାକୁ ଅଳିଆ ଯାଉନାହିଁ। ଏହାର କାରଣ କ'ଣ ସେ ନେଇ ପୌରପାଳିକା ମଧ୍ୟ ନୀରବ। ଗୁରୁବାର ସହରୀ ଆବର୍ଜନାକୁ ୬ନଂ. ୱାର୍ଡର ଏକ ସ୍ଥାନରେ ପକାଯାଇଥିଲା। କିନ୍ତୁ ସେଠାରେ ତୀବ୍ର ବିରୋଧ ହେବାରୁ ଶୁକ୍ରବାର ୱାର୍ଡ ନଂ. ୧୯ର ପରିତ୍ୟକ୍ତ ସ୍ଥାନରେ ଗଦା କରାଯାଇଛି। କିନ୍ତୁ ସେଠାରେ ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେବାରୁ ପରେ ଆଉ ଅଳିଆ ପକାଯାଇ ନ ଥିବା ସୂଚନା ମିଳିଛି। ଏଣେ ପକାଯିବାକୁ ସ୍ଥାନ ମିଳୁ ନ ଥିବାରୁ ସହର ସଫେଇ ଠିକ୍ ଭାବେ କରାଯାଉ ନାହିଁ। ତେଣୁ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇ ରହିଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ୩ ବର୍ଷ ତଳେ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପଞ୍ଚମହଲାରେ ଡମ୍ପିଂୟାର୍ଡ ନିର୍ମାଣ କରାଯାଇଥିଲା। ସେବେଠାରୁ ପୌରପାଳିକାର ୫ ଟ୍ରାକ୍ଟର, ୧୪ ଟାଟା ଏସିଇ, ୧୬ ବ୍ୟାଟେରି ଚାଳିତ ଗାଡ଼ିରେ ଅଳିଆ ଉଠାଯାଇ ସେଠାରେ ପକାଯାଉଥିଲା। କିନ୍ତୁ ୨ ଦିନ ତଳେ ଅନୁଗୋଳ ପୌର ନିର୍ବାହୀ ଯନ୍ତ୍ରୀ ସେଠାରେ ଅଳିଆ ପକାଇବାକୁ ପରିମଳ ବିଭାଗକୁ ବାରଣ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨ ମାସ ମଧ୍ୟରେ ସେଠାରେ ଜମା ହୋଇଥିବା ପଲିଥିନ୍ ଓ ପ୍ଲାଷ୍ଟିକ୍ ଉଠାଇବାକୁ ନିର୍ଦ୍ଦେଶ ଥିବାରୁ ଏପରି ବାରଣ କରାଯାଇଥିବା ପରିମଳ ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାପରେ ଉକ୍ତ ଡମ୍ପିଂୟାର୍ଡକୁ ଆଉ ଅଳିଆ ନିଆ ନ ଯାଇ ଗୁରୁବାର ୫ଟି ଟ୍ରାକ୍ଟରରେ ୱାର୍ଡ ନଂ–୬ର ଏକ ସ୍ଥାନରେ ଅଳିଆ ପକାଯାଇଥିଲା। କିନ୍ତୁ ଏହାକୁ ୱାର୍ଡବାସୀ ବିରୋଧ କରିଥିଲେ। ସେମାନେ ଠେଙ୍ଗା, ବାଡ଼ି ଧରି ପୌରପାଳିକା ଗାଡ଼ିକୁ ରୋକିଥିଲେ। ଏହାପରେ ଉକ୍ତ ଅଳିଆକୁ ଗାତ ଖୋଳି ପୋତା ଯାଇଥିଲା। ସେହିପରି ଶୁକ୍ରବାର ଭୋର ସମୟରେ ୱାର୍ଡ ନଂ. ୧୯ରେ ୬ରୁ ୭ ଟ୍ରିପ୍ ଅଳିଆ ପକାଯାଇଥିଲା। ଏହାକୁ ମଧ୍ୟ ସେଠାକାର ଲୋକମାନେ ବିରୋଧ କରିଥିଲେ। ତେଣୁ ଏବେ ସହର ଅଳିଆ କେଉଁଠାରେ ପକାଯିବ ତାହା ପୌର କର୍ତ୍ତୃପକ୍ଷଙ୍କ ଚିନ୍ତାର କାରଣ ହୋଇଛି। ଘଟଣା ସମ୍ପର୍କରେ ପୌର ନିର୍ବାହୀ ଯନ୍ତ୍ରୀ ରବିନ ଦାସଙ୍କ ମତାମତ ମିଳିପାରି ନ ଥିବା ବେଳେ ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ପଲିଥିନ୍ ଓ ପ୍ଲାଷ୍ଟିକ୍ ଉଠାଇବା କାରଣ ପାଇଁ ପଞ୍ଚମହଲା ଡମ୍ପିଂୟାର୍ଡରେ ଅଳିଆ ପଡ଼ିପାରୁ ନାହିଁ। ଯେଉଁଆଡ଼େ ଅଳିଆ ନିଆଯାଉଛି, ସେଠାରେ ଲୋକମାନେ ବିରୋଧ କରୁଛନ୍ତି।

## ଶାଳବଣିରୁ ଝୁଲନ୍ତା ମୃତଦେହ ଜବତ

ଅନୁଗୋଳ, ୧୫।୩ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ନୂଆ ବାଇପାସ୍ ଶାଳବଣି ଅଞ୍ଚଳରେ ଥିବା ଏକ ଜମ୍ମୁ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବେନ୍ତପୁର ପଞ୍ଚାୟତ ମୁଣ୍ଡହତା ଗ୍ରାମର ବସନ୍ତ ନାଏକଙ୍କ ପୁଅ ବଳିଆ ନାଏକ (୨୨)। ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବଳିଆ ଗୁରୁବାର ସନ୍ଧ୍ୟାରୁ କାମ କରିବାକୁ ଘର ବାହାରକୁ ଯାଇଥିଲେ। ଶୁକ୍ରବାର ସକାଳେ ନୂଆ ବାଇପାସ୍ ଶାଳବଣି ଅଞ୍ଚଳରେ ଥିବା ଏକ ଜମ୍ମୁ ଗଛରେ ବଳିଆଙ୍କ ମୃତଦେହ ଝୁଲୁଥିଲା। ନିକଟରେ ତାଙ୍କ ମୋଟର ସାଇକେଲ (ନଂ. ଓଡି ୧୯ ଡବ୍ଲ୍ୟୁ ୦୫୩୮) ମଧ୍ୟ ରହିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସଦର ଥାନାକୁ ଯୋଗାଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ମା' ହିଙ୍ଗୁଳା, ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ

କଣିହାଁ, ୧୫।୩(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ପାଳିତ ହୋଇଯାଇଛି। ବାପଘର ଆଖଣ୍ଡଳମଣି ମନ୍ଦିରକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପସ୍ଥିତ ମା' ବାଟମଙ୍ଗଳାଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା। ଲେଉଟାଣି ଉତ୍ସବ ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ସଂକୀର୍ତ୍ତନ ସହ ୨ ଦେବୀଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ବାହାରକୁ ଅଣାଯାଇଥିଲା। ବାପଘରୁ ଝିଅ ବିଦା ସମୟରେ ଯେପରି ପିଠାପଣା, ଶାଢ଼ିଶଙ୍ଖା ଆସି ଦିଆଯାଇଥାଏ ସେହିପରି ଭାବେ ସମସ୍ତ ସାମଗ୍ରୀ ସହ ଦୁଇ ଦେବୀଙ୍କୁ ମହିଳା ଭକ୍ତମାନେ ବନ୍ଦାପନା କରି ବିଦାୟ ଜଣାଇଥିଲେ। ମନ୍ଦିରଠାରୁ ଘଣ୍ଟଘଣ୍ଟା, ବାଜା, ବାଣ, ନାମ ସଂକୀର୍ତ୍ତନ ସହିତ ଶୋଭାଯାତ୍ରାରେ ଭକ୍ତମାନେ ବାହାରି ପ୍ରଥମେ ରେଙ୍ଗାଳି ପ୍ରକଳ୍ପସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା' ବାଟମଙ୍ଗଳାଙ୍କୁ ନିଜ ଆସ୍ଥାନରେ ଛାଡ଼ିବା ପରେ ମା' ହିଙ୍ଗୁଳାଙ୍କୁ ନେଇ ତାଳଚେରସ୍ଥିତ ଗୋପାଳପ୍ରସାଦପୀଠକୁ ଗସ୍ତ କରିଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ଭକ୍ତଦଳ ରାତିରେ ରେଙ୍ଗାଳି ଫେରି ଆସିଥିଲେ। ବାବା ଆଖଣ୍ଡଳମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



# ସରକାରୀ ମାନ୍ୟତା, ଦରମା ବୃଦ୍ଧି ଦାବି

ଅନୁଗୋଳ, ୧୫।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ କାର୍ଯ୍ୟରତ ଗ୍ରାମରକ୍ଷୀମାନେ ଶୁକ୍ରବାର ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘ ଅନୁଗୋଳ ଜିଲା ଶାଖା ପକ୍ଷରୁ ୪ ଦଫା ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ପୋଲିସ ବିଭାଗକୁ ସହଯୋଗ ନ କରିବା ସହ ଭୋଟ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମରକ୍ଷୀମାନେ ମାସକୁ ୧,୮୦୦ ଟଙ୍କା ଭତ୍ତା ପାଉଥିବାରୁ ସେମାନଙ୍କ ପରିବାର ଚଳାଇବା କାଠିକର ପାଠ ହୋଇପଡ଼ୁଛି। ପିନ୍ଧିବାକୁ କପଡ଼ା କି ଖାଇବାକୁ ଦୁଇମୁଠା ଦାନା ପାଉ ନ ଥିବା ସେମାନେ କହିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ସରକାର ଗ୍ରାମରକ୍ଷୀଙ୍କୁ ସରକାରୀ ମାନ୍ୟତା ସହ ୨୦ରୁ ୨୫ ହଜାର ଟଙ୍କା ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିଭଳି ଅବସର ପରେ ପେନ୍‌ସନ୍ ସହ ଗ୍ରାମରକ୍ଷୀ ପରିବାର ସଦସ୍ୟଙ୍କ ନିମନ୍ତେ ସରକାରୀ ଚାକିରି ପାଇଁ ସ୍ଥାନ ସଂରକ୍ଷିତ ରଖିବାକୁ ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ସଂଘ ସଭାପତି ଅମରେଶ୍ୱର ମଲିକଙ୍କ ସହ ଅନ୍ୟମାନେ କହିଛନ୍ତି।




## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଅନୁଗୋଳ, ୧୫।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଣ୍ଠରପାଳ ଥାନା ନୂଆହତାସ୍ଥିତ ଜାତୀୟ ରାଜପଥର ବାଇପାସ ନିକଟରୁ ପୋଲିସ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ, ନୂଆହତା ଗ୍ରାମ ଶିମିଳିସାହିର ସୁବ୍ରତ ଭୁଟିଆ (୫୮) ୨ ଦିନ ହେଲା ଘରୁ କେଉଁଆଡ଼େ ଯାଇଥିବା ବେଳେ ଶୁକ୍ରବାର ବାଇପାସ ନିକଟସ୍ଥ ରାସ୍ତା କଡ଼ରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହା ଦେଖିବା ପରେ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ



**ବିପ୍ଲବିନୀ ମାଳତୀ ଚୌଧୁରୀ ଓ ନାରାୟଣ ଦେଶାଇଙ୍କ ପୁଣ୍ୟତିଥି ପାଳିତ**

ଅନୁଗୋଳ, ୧୫।୩ (ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ଶାନ୍ତି କୁଟୀରଠାରେ ଉତ୍କଳ ନବଜୀବନ ମଣ୍ଡଳ ଓ ବାଜି ରାଉତ ଛାତ୍ରାବାସ ମିଳିତ ଆନୁକୂଲ୍ୟରେ ସେବା, ତ୍ୟାଗ ଏବଂ ସଂଗ୍ରାମର ପ୍ରତୀକ ବିପ୍ଲବିନୀ ମାଳତୀ ଚୌଧୁରୀ ଓ ସାଧୀନତା ସଂଗ୍ରାମୀ ତଥା ଗାନ୍ଧୀ କଥାକାର ନାରାୟଣ ଦେଶାଇଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଚୈତନ୍ୟ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ଜେଏନୟୁ ଅଧ୍ୟାପିକା ଡ. ତସନୀମ ତସୁମ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ମିହିର ପ୍ରତାପ ଦାସ ଯୋଗ ଦେଇଥିଲେ। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ପୁରୁଷୋତ୍ତମ କାମିଲାଙ୍କ ହିନ୍ଦୀ ପୁସ୍ତକ 'ଦୋ ବିଭୂତି ୟୋଓ କି ମାନସପୁତ୍ରୀ ବିପ୍ଲବିନୀ ମାଳତୀ ଦେବୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିଥିମାନଙ୍କ ସହିତ ଛାତ୍ରାବାସ ସଭାପତି ରବୀନ୍ଦ୍ରନାଥ ସାହୁ, ଆନନ୍ଦ ଚନ୍ଦ୍ର ମହାପାତ୍ର, ବିକ୍ରମ କେଶରୀ ରାଉତ, ଲିପିକା ମହାପାତ୍ର, କୀର୍ତ୍ତି ସ୍ମିତା ବାରିକ ଓ ଶକ୍ତି ବେହେରା ପ୍ରମୁଖ ଉପସ୍ଥିତ ରହି ମାଳତୀ ଦେବୀ ଓ ନାରାୟଣ ଦେଶାଇଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଉତ୍କଳ ସମ୍ମିଳନୀ ତରଫରୁ ବାଜି ରାଉତ ଛାତ୍ରାବାସର କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସୂତ୍ରଯଜ୍ଞକୁ ଗାନ୍ଧିବାଦୀ କୃଷ୍ଣା ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଡ. ସୁମିତ୍ରା ପଟେଲ, ପ୍ରଫେସର ବିକ୍ରମ କେଶରୀ ଦାସ, ଡ. ଇନ୍ଦିରା ଦାସ, ଶିବରାମ ମିଶ୍ର, ଅନ୍ତର୍ଯ୍ୟାମୀ ବରାଳ, ଶ୍ରୀକାନ୍ତ କୁମାର ସାହୁ, କୈଳାସ ଚନ୍ଦ୍ର ସାହୁ, ସରସ୍ୱତୀ ସାଇଁ, ଆନନ୍ଦିକା ସାମନ୍ତରାୟ, ଆଦ୍ୟଶ୍ଳୋକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ନବଜୀବନ ମଣ୍ଡଳର ସମ୍ପାଦକ ମୁରଲୀଧର ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଗୋଳ ମେଳା ଉଦ୍‌ଘାଟିତ

ଅନୁଗୋଳ, ୧୫।୩ (ଅମିତ କୁମାର ସାମଲ)

ଅନୁଗୋଳ ବିଜୁ ମଇଦାନଠାରେ ଅନୁଗୋଳ ମେଳା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ଜିଲା ଶିକ୍ଷା କାର୍ମୀକ ଅଧିକାରୀ ଭିକାରୀ ବନ୍ଧୁ ସାହୁ ଓ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଯୋଗ ଦେଇଥିଲେ। ଆସନ୍ତା ୨୦ ପର୍ଯ୍ୟନ୍ତ ଏହି ମେଳା ଚାଲିବା ସହିତ ହସ୍ତଶିଳ୍ପ, କୁଟୀର ଶିଳ୍ପ, ବୟନ ଶିଳ୍ପ, ଘରୋଇ ଉପକରଣ, ବୈଦ୍ୟୁତିକ ଓ ରାଜ୍ୟ ତଥା ରାଜ୍ୟ ବାହାରର ଶାଢ଼ି ଖଦିବସ୍ତ୍ର ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟ ବ୍ୟବସ୍ଥା କରାଯାଇଛି। ଏଥିସହିତ ବିଭିନ୍ନ ପ୍ରକାର ଶିକ୍ଷଣୀୟ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଥିବା ମେଳା ସଂଯୋଜକ ପର୍ଶୁରାମ ଦାଶ କହିଛନ୍ତି।


ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଭ୍ରାମ୍ୟମାଣ ଫ୍ରିଜର ପ୍ରଦାନ କଲେ ତାଳଚେର ବିଧାୟକ




ଅନୁଗୋଳ, ୧୫।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମୃତଦେହ ସଂରକ୍ଷଣ ଭ୍ରାମ୍ୟମାଣ ଫ୍ରିଜର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରଧାନଙ୍କ ସୌଜନ୍ୟରୁ ୪ଟି ଫ୍ରିଜର ଜିଲାର ବିଭିନ୍ନ ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିଲା। ସେଥିରୁ ଗୋଟିଏ ଅନୁଗୋଳ ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିବାବେଳେ ତାଳଚେର ମାରୱାଡ଼ି ଧର୍ମଶାଳାକୁ ଗୋଟିଏ ଓ ବିଧାୟକଙ୍କ କ୍ୟାମ୍ପରେ ଗୋଟିଏ ଏବଂ ପାଲଲହଡ଼ା ଡାକ୍ତରଖାନାକୁ ଗୋଟିଏ ଫ୍ରିଜର ଦିଆଯାଇଛି। ଏହି ଅବସରରେ ବିଧାୟକ ପ୍ରଧାନ କହିଥିଲେ, ଅନୁଗୋଳ ଜିଲାରେ ପ୍ରଥମ ଥର ପାଇଁ ଏଭଳି ଫ୍ରିଜର ବ୍ୟବସ୍ଥା କରାଯାଇଛି। ମୃତକଙ୍କ ପରିବାର ଲୋକେ ଦୂରରେ ଥିଲେ ଉକ୍ତ ଫ୍ରିଜରରେ ମୃତଦେହକୁ ନିଃଶୁଳ୍କ ଭାବେ ରଖାଯିବ। ଫଳରେ ମୃତଦେହ ସଂରକ୍ଷଣ ପାଇଁ ଆଉ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଆଗାମୀ ଦିନରେ ଛେଣ୍ଡିପଦା ଓ ଆଠମଲ୍ଲିକ ପାଇଁ ଏଭଳି ଭ୍ରାମ୍ୟମାଣ ଫ୍ରିଜର ବ୍ୟବସ୍ଥା କରାଯିବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର ବିଶ୍ୱବିହାରୀ ମହାନ୍ତି, ମ୍ୟାଲେରିଆ ଅଧିକାରୀ ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା ଓ ଯୁବ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତେଜନାପୂର୍ଣ୍ଣ ବୁଥ୍ ଯାଞ୍ଚ

ବଇଣ୍ଡା, ୧୫।୩(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଥିବା ଉତ୍ତେଜନାପୂର୍ଣ୍ଣ ବୁଥ୍ ଗୁଡିକକୁ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ଶୁକ୍ରବାର କିଶୋରଗଞ୍ଜ, ଜାମୁନାଳି, କଦଳୀମୁଣ୍ଡା, ଗୋଳାସର ବିଦ୍ୟାଳୟଗୁଡିକରେ ହେଉଥିବା ବୁଥ୍‌କୁ ଯାଞ୍ଚ କରିବା ସହ ଗ୍ରାମ ଗୁଡିକରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହି ବୁଥ୍‌ଗୁଡିକ ଉତ୍ତେଜନାପୂର୍ଣ୍ଣ ଭାବେ ଚିହ୍ନଟ ହୋଇଥିବାବେଳେ କିଭଳି କଡ଼ା ସୁରକ୍ଷା ମଧ୍ୟରେ ମତଦାନ ହେବ ସେ ନେଇ ପୋଲିସ ପକ୍ଷରୁ ସମୀକ୍ଷା କରାଯାଇଥିଲା। ହଣ୍ଡପା ଥାନା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀ, ହଣ୍ଡପା ସେକେଣ୍ଡ ଅଫିସର ତରଣି ବାହାଳଙ୍କ ସହ ସ୍ୱତନ୍ତ୍ର ପୋଲିସ ବାହିନୀ ଯାଞ୍ଚରେ ସାମିଲ ଥିଲେ।



# ନବାହ୍ନ ପାରାୟଣ, ପ୍ରବଚନ ମହାଯଜ୍ଞ

ଛେଣ୍ଡିପଦା, ୧୫।୩(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଖମାର ଗ୍ରାମର ଚନ୍ଦନପଡିଆଠାରେ ଶୁକ୍ରବାର ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଖମାର ଗ୍ରାମ କମିଟି ସଭାପତି ନେତ୍ରାନନ୍ଦ ଗଡ଼ନାୟକ, ପାରାୟଣ କମିଟି ସଭାପତି ମନୋଜ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ଗ୍ରାମର ଶତାଧିକ ମହିଳା କଳସଯାତ୍ରାରେ ସାମିଲ ହୋଇଥିଲେ। ପ୍ରବକ୍ତା ସୁଶ୍ରୀ ଗୀତାଞ୍ଜଳି ଜେନା, ପଣ୍ଡିତ ଦିବାକର ନନ୍ଦ ଓ ପଣ୍ଡିତ ବସନ୍ତ ବିଶୋଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୩ ତାରିଖରେ ଏହା ଉଦ୍‌ଯାପିତ ହେବ। କର୍ତ୍ତା ଭାବେ ବିଭୂତି ଭୂଷଣ ଗଡନାୟକ ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ପ୍ରସନ୍ନ ଆଚାର୍ଯ୍ୟ, ପୀତବାସ ଆଚାର୍ଯ୍ୟ ଓ ହେମନ୍ତ ଆଚାର୍ଯ୍ୟଙ୍କ ନେତୃତ୍ୱରେ ମହାଯଜ୍ଞ କାର୍ଯ୍ୟ କରାଯାଉଛି। ପାରାୟଣ କମିଟି ଉପଦେଷ୍ଟା ବାବୁଲି ଗଡନାୟକ, ଉପସଭାପତି ଶ୍ରବଣ ଗଡନାୟକ, ସମ୍ପାଦକ ରଶ୍ମିରଞ୍ଜନ ମାଝି, ଖମାର ଗ୍ରାମ ସମ୍ପାଦକ ହେମନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରୁଛନ୍ତି। ସନ୍ଧ୍ୟା ୬ ଘଟିକାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିବାବେଳେ ପାରାୟଣ ଓ ପ୍ରବଚନରେ ଗ୍ରାମ ତଥା ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ବହୁ ଭକ୍ତ ଯୋଗ ଦେଉଛନ୍ତି।



## ହିଙ୍ଗୁଳା ମନ୍ଦିରରେ ଲାଗିବ ୨୦୦ ସୌର ଷ୍ଟ୍ରିଟ୍ ଲାଇଟ୍

କଣିହାଁ, ୧୫।୩(ସଚ୍ଚିଦାନନ୍ଦ ପ୍ରଧାନ)

ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ମନ୍ଦିର ଚାରିପାଖ, ମନ୍ଦିରକୁ ଥିବା ରାସ୍ତାପାର୍ଶ୍ୱରେ ଏନ୍‌ଟିପିସି କଣିହାଁ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ୨୦୦ ସୌର ଷ୍ଟ୍ରିଟ୍ ଲାଇଟ୍ ଲଗାଯିବ। ଏ ନେଇ ଗୁରୁବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏନ୍‌ଟିପିସି କଣିହାଁ ମୁଖ୍ୟ ମହାପ୍ରବନ୍ଧକ ଅଶୋକ କୁମାର ସେହଗଲ, ମହାପ୍ରବନ୍ଧକ ଏ.ଜେ.ରାଜକୁମାର, ମାନବସମ୍ବଳ ବିଭାଗ ମୁଖ୍ୟ ବି.କେ ପାଣ୍ଡେ ଯୋଗଦେଇ ଭୂମିପୂଜା କରିଥିଲେ। ଏହି ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା ଫଳରେ ମନ୍ଦିରକୁ ଭକ୍ତ ଓ ଜନସାଧାରଣ ସୁରକ୍ଷିତ ଭାବେ ଯା' ଆସ କରିପାରିବେ। ଏନ୍‌ଟିପିସି କଣିହାଁ ପକ୍ଷରୁ ନିଆଯାଇଥିବା ଏହିଭଳି ପଦକ୍ଷେପକୁ ତାଳଚେର ବିଧାୟକ ପ୍ରଧାନ ପ୍ରଶଂସା କରିଥିଲେ।

# ପ୍ଲାଷ୍ଟିକରୁ ଦୂରେଇ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ

ମାଧପୁର, ୧୫।୩(ମନୋଜ ପ୍ରଧାନ)

ମାଧପୁର ବନାଞ୍ଚଳ ଆଠମଲ୍ଲିକ ବନଖଣ୍ଡ ତରଫରୁ ପଲିଥିନ ମୁକ୍ତ ପରିବେଶ ଓ ଏକଥର ବ୍ୟବହାର ପଲିଥିନ ନିଷିଦ୍ଧ ବିଷୟରେ ଏକ ସଚେତନ କର୍ମଶାଳା କମ୍ପଲାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ଉକ୍ତ କର୍ମଶାଳା ଓ ପଦଯାତ୍ରାରେ ୧୫୦ ଜଣ ଭାଗ ନେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପଲା ସରପଞ୍ଚ ସୁଧୀର ସେଠୀ, ମାଧପୁର ବନାଞ୍ଚଳ ଅଧିକାରୀ ବିଜୟ କୁମାର ସାହୁ, ବନପାଳ ଦୀପ୍ତିରଞ୍ଜନ ବିଶ୍ୱାଳ ଓ ରମାକାନ୍ତ ସାହୁ ଯୋଗଦେଇ ପଲିଥିନ ଏବଂ ପ୍ଲାଷ୍ଟିକରୁ ଦୂରେଇ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ବନରକ୍ଷୀଗଣ, ପ୍ରୋଜେକ୍ଟ ଷ୍ଟାଫ, ସହଯୋଗୀ ସଂସ୍ଥା ଅଧିକାରୀମାନେ ଉପସ୍ଥିତ ଥିଲେ। ବନସୁରକ୍ଷା ସମିତି ସଭାପତି, କୋଷାଧ୍ୟକ୍ଷ, ଅନିମେଟର ଓ ମହିଳା (ଏସ୍‌ଏଚ୍‌ଜି) ସଭ୍ୟମାନେ ସହଯୋଗ କରିଥିଲେ। ମାଧପୁର ବନାଞ୍ଚଳ ସଂଯୋଜକ ଦେବାନନ୍ଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅମରେଶ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।



# କପିଳାସରୁ କୁମାରଖୁଣ୍ଟି ଗଲେ ୩ ହାତୀ

■ଦୀର୍ଘବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥିଲେ
■ହାତୀ ଉଦ୍ଧାର କେନ୍ଦ୍ରରେ ୫କୁ ଖସିଲା ସଂଖ୍ୟା
■ପରିସର ଖାଁ ଖାଁ, ଦିଆଯିବ ଖୁଙ୍କି ତାଲିମ

ଢେଙ୍କାନାଳ,୧୫।୩(ରତନ ନାୟାର)


କପିଳାସ ପ୍ରାଣୀ ଉଦ୍ୟାନରେ ୩ ହାତୀ ଉମା, ଚନ୍ଦୁ ଓ କାର୍ତ୍ତିକ।

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ର ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରୁ ୩ ହାତୀ କାର୍ତ୍ତିକ, ଚନ୍ଦୁ ଓ ଉମାକୁ ଶୁକ୍ରବାର ରାତିରେ ୩ଟି ହାଇୱା ଯୋଗେ ଭୁବନେଶ୍ୱର ଚନ୍ଦକାସ୍ଥିତ କୁମାରଖୁଣ୍ଟିକୁ ସ୍ଥାନାନ୍ତର କରାଯାଇଛି। କୁମାରଖୁଣ୍ଟିଠାରେ ଏହି ୩ ହାତୀଙ୍କୁ ତାଲିମ ଦିଆଯାଇ ଖୁଙ୍କି ହାତୀ ଭାବେ ବ୍ୟବହାର କରାଯିବ। ରାଜ୍ୟ ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଏହି ୩ ହାତୀଙ୍କୁ ସ୍ଥାନାନ୍ତର କରାଯାଇଛି। କାର୍ତ୍ତିକ, ଚନ୍ଦୁ ଓ ଉମାକୁ ଏଠାରୁ ନିଆଯିବା ପରେ କପିଳାସ ପ୍ରାଣୀ ଉଦ୍ୟାନ ହାତୀ କେନ୍ଦ୍ରରେ ଏବେ ହାତୀ ସଂଖ୍ୟା ୫କୁ ଖସିଆସିଛି।

ପ୍ରକାଶ ଯେ, କୁମାରଖୁଣ୍ଟି ଯାଇଥିବା ହାତୀ କାର୍ତ୍ତିକକୁ କଟକ ଜିଲା ଆଠଗଡ଼ ବନଖଣ୍ଡରୁ ୭ ଜୁଲାଇ ୨୦୧୦ରେ କପିଳାସ ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ସେତେବେଳେ କାର୍ତ୍ତିକର ବୟସ ଥିଲା ମାତ୍ର ୨ବର୍ଷ। ସେହିପରି ୨୪ ଡିସେମ୍ବର ୨୦୧୧ରେ ବର୍ଷକର ହାତୀ ଚନ୍ଦୁକୁ ବରଗଡ଼ ବନଖଣ୍ଡରୁ ଉଦ୍ଧାର କରାଯାଇ କପିଳାସ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ସେହିପରି ଉମା ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜରୁ ୪ ସେପ୍ଟେମ୍ବର ୨୦୧୨ରେ ଉଦ୍ଧାର ହୋଇ ହାତୀ ଉଦ୍ଧାର କେନ୍ଦ୍ରକୁ ଆସିଥିଲା। ସେତେବେଳେ ଉମାର ବୟସ ୮ ବର୍ଷ ଥିଲା। ଏହି ୩ ହାତୀ କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ରହି ପର୍ଯ୍ୟଟକମାନଙ୍କ ପ୍ରମୁଖ ଆକର୍ଷଣ ସାଜିଥିଲେ। ମାହୁନ୍ତ ଦୀପୁଙ୍କର ସେମାନେ ଅତିପ୍ରିୟ ହୋଇଯାଇଥିଲେ। କିନ୍ତୁ ଏହି ୩ ହାତୀଙ୍କ ସ୍ଥାନାନ୍ତର ପରେ କପିଳାସ ପ୍ରାଣୀ ଉଦ୍ୟାନ ପରିସର ଖାଁ ଖାଁ ଲାଗିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ୩ ହାତୀଙ୍କୁ ୩ଟି ହାଇୱା ଯୋଗେ କପିଳାସ ପ୍ରାଣୀ ଉଦ୍ୟାନରୁ ଶୋରିଷିଆପଦା ଓ କଟକ ଜିଲାର ଟାଙ୍ଗିଦେଇ ଚନ୍ଦକା କୁମାରଖୁଣ୍ଟିକୁ ନିଆଯାଉଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ୩ ହାତୀ ଉମା, ଚନ୍ଦୁ, କାର୍ତ୍ତିକଙ୍କୁ ୩ଟି ହାଇୱାରେ ରାତିରେ ଅଲଗା ରାସ୍ତାରେ କୁମାରଖୁଣ୍ଟିକୁ ତାଲିମ ପାଇଁ ନିଆଯାଉଛି।

# ଭତ୍ତା ନ ମିଳିଲେ ଅନଶନ ନିଷ୍ପତ୍ତି

ଢେଙ୍କାନାଳ,୧୫।୩(ରତନ ନାୟାର)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ ହେବା ପାଇଁ କରାଯାଇଥିବା ଦ୍ୱିତୀୟ ସାକ୍ଷାତକାରର ଫଳାଫଳ ଘୋଷଣା ବିଭିନ୍ନ ଜିଲାରେ କରାଯିବା ସହ ବହୁ କଳାକାରଙ୍କୁ ଭତ୍ତା ପ୍ରଦାନ କରାଗଲାଣି। ହେଲେ ଢେଙ୍କାନାଳ ଜିଲାର କଳାକାରମାନଙ୍କ ସାକ୍ଷାତକାର ଫଳାଫଳ ଘୋଷଣା ନ ହେବା ଯୋଗୁ ପ୍ରାୟ ଏକବର୍ଷ ହେବ ଜିଲାର କଳାକାରମାନେ ରାଜ୍ୟ କଳାକାର ଭତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ରାଜ୍ୟ ଓ ଜିଲାସ୍ତରୀୟ ପୁରସ୍କାରପ୍ରାପ୍ତ ବରିଷ୍ଠ କଳାକାର ରାଜେନ୍ଦ୍ର ମୋହନ ପତି ଶୁକ୍ରବାର ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା କଳାକାରମାନଙ୍କ ପ୍ରତି ଏପରି ବୈମାତୃକ ମନୋଭାବ କାହିଁକି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଆସନ୍ତା ଓଡ଼ିଶା ଦିବସ ମଧ୍ୟରେ ସାକ୍ଷାତକାର ଦେଇଥିବା କଳାକାରମାନଙ୍କ ଫଳାଫଳ ଘୋଷଣା କରା ନ ଗଲେ ଜିଲାର ସମସ୍ତ କଳାକାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ମହିମା ନାଟ୍ୟ ସମ୍ମାନ, ରାଜ୍ୟ ସଂସ୍କୃତି ସମ୍ମାନ ଓ ପ୍ରତିଭା ସମ୍ମାନ, ରାଜ୍ୟ କଳାକାର ମହାସଂଘର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ଯାତ୍ରା କଳାକାର ରାଜେନ୍ଦ୍ର ମୋହନ ପତି ଚେତାବନୀ ଦେଇଛନ୍ତି।

# ଯୁବ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ,୧୫।୩(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୁବ ସମ୍ବାଦ, ଯୁବ ଦକ୍ଷତା ବିକାଶ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ଦେବରାଜ ପରିଡ଼ା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାରଦା ପ୍ରସନ୍ନ ପତି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅମୃତ କୁମାର ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ଯୁବ ଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨୦୪୭ ସୁଦ୍ଧା ବିକଶିତ ଭାରତ ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୀନାକ୍ଷୀ ଅଗ୍ରୱାଲ ପ୍ରଥମ, ପ୍ରିୟଙ୍କା ବିହାରୀ ଦ୍ୱିତୀୟ ଓ ଦେବଦର୍ଶିନୀ ପୃଷ୍ଟି ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା ଧନ୍ୟବାଦ ଦେଇଥିଲେ।



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ସାମ୍ବାଦିକ ସଂଘର କଳାବ୍ୟାଜ ପରିଧାନ

କାମାକ୍ଷାନଗର,୧୫।୩ (ଅମଜାଦ ଖାନ)/ ପରଜଙ୍ଗ (ନିଗମାନନ୍ଦ ଦଳବେହେରା)

ଖବରଦାତାମାନଙ୍କୁ ଅବସରକାଳୀନ ଭତ୍ତା, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ସାଙ୍ଗକୁ ମାତାପିତା ଓ ୨୫ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ସାମିଲ, ପ୍ରେସ ଏକାଡେମୀ ଗଠନ, ସରକରୀ ସ୍ୱିକୃତୀପ୍ରାପ୍ତ କମିଟି ପୁନଃ ଗଠନ ଆଦି ପ୍ରମୁଖ ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ସଭାପତି ପ୍ରତାପ ବରାଳଙ୍କ ଆହ୍ୱାନରେ କଙ୍କଡ଼ାହାଡ଼ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ କଳାବ୍ୟାଜ ପରିଧାନ କରିଥିଲେ।ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି। ଖବରଦାତା ପୃଥ୍ୱିରାଜ ସାହୁ, ସନାତନ ପରିଡା, ପାଣ୍ଡବ ଚରଣ ଦାସ, କୃଷ୍ଣଚନ୍ଦ୍ର ସାହୁ, ସତ୍ୟବ୍ରତ ଦାସ, ଅକ୍ରୁର ସିଂ, ପ୍ରସନ୍ନ ପରିଡା, ମନୋଜ ଦାସ, ପବିତ୍ର କୁମାର ବରାଳ, ବିଭୁତି ଭୂଷଣ ଦେହୁରୀ ଓ ବିମଳ ଚନ୍ଦ୍ର ବିଶ୍ୱାଳ, ମନମୋହନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରଜଙ୍ଗ ବ୍ଲକ ସାମ୍ବାଦିକ ସମୂହ କଳାବ୍ୟାଚ ପିନ୍ଧି କାର୍ଯ୍ୟରେ ଯୋଗଦେଲେ। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତିଙ୍କ ଡାକରାରେ ସେମାନେ କଳାବ୍ୟାଚ ପରିଧାନ କରିଥିବା ସୂଚନା ଦେଇଛନ୍ତି। ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କୁ ଆଶାତୀତ ଅନୁଦାନ ଦେଉଥିଲେ ହେଁ ଖବରଦାତାମାନଙ୍କ କଥାକୁ ଭୁଲିଯାଇଛନ୍ତି। ତେଣୁ ଏହାର ପ୍ରତିବାଦ ସ୍ୱରୁପ ପରଜଙ୍ଗ ଖବରଦାତାମାନେ କଳାବ୍ୟାଚ ପିନ୍ଧି କାର୍ଯ୍ୟ କରିବେ। ଯଦି ସରକାର ତୁରନ୍ତ ଏହା ଉପରେ ବିଚାର ନ କରିବେ ତେବେ ଆଗାମୀ ଦିନରେ ପ୍ରତିବାଦ ଜୋରଦାର କରାଯିବାର ନିଷ୍ପତ୍ତି ହୋଇଛି।



# ଯୁବକଙ୍କୁ ଆକ୍ରମଣ ମାମଲା, ୨ ଗିରଫ

କାମାକ୍ଷାନଗର,୧୫।୩(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ମହାବିରୋଡ୍ ଥାନା ଚାନ୍ଦପୁର ଗ୍ରାମର ନରେନ୍ଦ୍ର କରଙ୍କୁ ମାରଣାନ୍ତକ ଆକ୍ରମଣ ମାମଲାରେ ଶୁକ୍ରବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଲାର ସାହୁ, ତୁଷାର ସାହୁ। ପୋଲିସ କହିଛି, ନରେନ୍ଦ୍ର ଗଡ଼ପଳାଶୁଣି ବାହାଘର ଭୋଜି ଖାଇବା ପାଇଁ ଯାଇଥିଲେ। ସେହି ସମୟରେ କାଉଣ୍ଟର ସାମ୍ନାରେ କିଛି ଲୋକ ପାଟିତୁଣ୍ଡ କରୁଥିଲେ। ନରେନ୍ଦ୍ର ଗାଡ଼ିରୁ ଓହ୍ଲାଇ ଲୋକଙ୍କୁ ବୁଝାଶୁଝା କରିବା ସମୟରେ ୫ ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ନରେନ୍ଦ୍ରଙ୍କ ବଡ଼ଭାଇ ଜିତେନ୍ଦ୍ର କର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ୨ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ମହାବିରୋଡ଼ ଥାନା ଏସ୍ଆଇ ଶେଷଦେବ ଲେଙ୍କା କହିଛନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ କୃତିତ୍ୱ

ଢେଙ୍କାନାଳ,୧୫।୩(ରତନ ନାୟାର)

ଉତ୍ତର ପ୍ରଦେଶର ମିରଟସ୍ଥିତ ସ୍ୱାମୀ ବିବେକାନନ୍ଦ ସୁଭାରତୀ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଢେଙ୍କାନାଳର ଖେଳାଳିମାନେ କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାର ୬୦ କେଜି ପଏଣ୍ଟ ୫ରେ ରୋସନି ବେଗମ ରୌପ୍ୟ ପଦକ ଓ ୫୫ କେଜି କିକ୍ ଲାଇଟରେ ଜ୍ୟୋତି ବେହେରା କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ସୁଧୀନ୍ଦ୍ର ନାଥ ପଟ୍ଟନାୟକ ୮୪ କେଜି ପଏଣ୍ଟ ୫ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଖେଳାଳିମାନେ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନର କୋଚ୍ ମିହିର କୁମାର ସାହୁଙ୍କ ଅଧୀନରେ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ପକ୍ଷରୁ ୧୩ଜଣ ଖେଳାଳି ଓ ଜଣେ କୋଚ୍ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୬ଜଣ ବାଳିକା ଓ ୭ଜଣ ବାଳିକା ଥିଲେ। ଢେଙ୍କାନାଳ ଜିଲା ସାତମାଇଲସ୍ଥିତ ଜନତା ଡିଗ୍ରୀ କଲେଜର ୨ ଛାତ୍ରୀ ଓ ୫ ଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଜଣାଇଛନ୍ତି।


ସଫଳତା ହାସଲ କରିଥିବା କିକ୍ ବକ୍ସିଂ ଖେଳାଳିମାନେ।

# ରାସ୍ତାକଡ଼କୁ ଖସିଲା ତୀର୍ଥଯାତ୍ରୀ ବସ୍

ଢେଙ୍କାନାଳ,୧୫।୩ (ରତନ ନାୟାର)

## ଛତିଶଗଡ଼ରୁ ଯୋରନ୍ଦା ଯାଉଥିଲା

ଢେଙ୍କାନାଳ-ଯୋରନ୍ଦା ରାସ୍ତାର ବିରିଖୁଣ୍ଟିଠାରେ ଶୁକ୍ରବାର ଅପରାହ୍ଣରେ ଛତିଶଗଡ଼ରୁ ତୀର୍ଥଯାତ୍ରୀଙ୍କୁ ନେଇ ଆସୁଥିବା ମହେନ୍ଦ୍ର ନାମକ ବସ୍ ରାସ୍ତାକଡ଼କୁ ଖସିଯାଇଥିଲା। ଡାହାଣପଟ ଆଗଚକା ଫାଟିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇଥିଲା। ତେବେ ଏଥିରେ ଥିବା ପ୍ରାୟ ୫୦ ତୀର୍ଥଯାତ୍ରୀଙ୍କ ସେପରି କିଛି କ୍ଷୟକ୍ଷତି ହୋଇନାହିଁ। କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ବସ୍‌ଟି ଛତିଶଗଡ଼ରୁ ତୀର୍ଥଯାତ୍ରୀଙ୍କୁ ନେଇ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ମହିମାଗାଦି ଯୋରନ୍ଦା ଆସୁଥିଲା। ଖବର ପାଇବା ପରେ ଯୋରନ୍ଦା ଫାଣ୍ଡି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌ରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ।




# ଓଡ଼ିଶା ଦିବସରେ ହେବନି ଶୋଭାଯାତ୍ରା, ସଭା ସମିତି




କାମାକ୍ଷାନଗର,୧୫।୩(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ପ୍ରଶାସନ ଦ୍ୱାରା ଓଡ଼ିଶା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର ପ୍ରସ୍ତୁତି ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଅଧିକାରୀ ଅର୍ଚ୍ଚନା ଗୌଡ, ବିଇଓ ସରୋଜ କୁମାର ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଓଡ଼ିଶା ଦିବସ ଦିନ ଛାତ୍ରୀଛାତ୍ରଙ୍କୁ ନେଇ କୌଣସି ଶୋଭାଯାତ୍ରା ବଜାର ପରିକ୍ରମା କରିବ ନାହିଁ। କେବଳ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପରେ ସଭାରେ ମାନପତ୍ର ବଣ୍ଟନ କରାଯିବ। ନିର୍ବାଚନକୁ ଆଖିଆଗରେ ରଖି କୌଣସି ଶୋଭାଯାତ୍ରା, ଡିଜେ ବାଦ୍ୟକୁ ବାରଣ ସହ ସଭା ସମିତି ହେବ ନାହିଁ। କେବଳ ସରକାରୀ କାର୍ଯ୍ୟାଳୟରେ ରଙ୍ଗିନ ଉଜ୍ଜ୍ୱଳ ଆଲୋକ ଲାଗିବ। କଳ୍ପନା କ୍ଲବଠାରେ ସନ୍ଧ୍ୟାରେ ଗୀତର ଆସର କରାଯିବା ପାଇଁ ସ୍ଥିର ହୋଇଛି। ବୈଠକରେ ବିଭିନ୍ନ ବିଦ୍ୟାଳୟର, ଉଚ୍ଚ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅନ୍ୟଜଣେ ଅଭିଯୁକ୍ତ ଗିରଫ

## କଲେଜ ଛାତ୍ରୀ ଜସ୍ମିନ୍ ହତ୍ୟା ମାମଲା

ଢେଙ୍କାନାଳ,୧୫।୩(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ଥାନା ମଙ୍ଗଳପୁର ପଞ୍ଚାୟତର ମଜୁରି ଛକରେ ରହୁଥିବା ବ୍ୟବସାୟୀ ଜଳନ୍ଧର ସାହୁଙ୍କ ଝିଅ ତଥା ସରକାରୀ ମହିଳା ଜୁନିୟର କଲେଜର ଯୁକ୍ତ୨ ବିଜ୍ଞାନ ଛାତ୍ରୀ ଜସ୍ମିନ ସାହୁ(୧୬)ଙ୍କ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ବବୁଲ ଓରଫ୍ ବାବୁଲି ପରିଡ଼ା(୩୦)ଙ୍କୁ ସଦର ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ବାବୁଲିଙ୍କ ଘର ମଙ୍ଗଳପୁର ଗ୍ରାମରେ ହୋଇଥିବା ବେଳେ ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଜଳନ୍ଧରଙ୍କ ପୁତୁରା କାଳିଆ ଓରଫ ନାରାୟଣ ସାହୁ(୨୩)ଙ୍କୁ ଏହି ଘଟଣାରେ ସହଯୋଗ କରିଥିଲେ। ଜସ୍ମିନଙ୍କୁ ଘଟଣା ସ୍ଥଳକୁ ନେବାରେ ବବୁଲଙ୍କ ସହଯୋଗ ଥିଲା। କୌଣସି ସୂତ୍ରରୁ ଖବରପାଇ ସଦର ଥାନା ପୋଲିସ କାଶିଆଡିହ ଗ୍ରାମରୁ ତାଙ୍କୁ ଗିରଫ କରିଛି। ଫଳରେ ଏହି ହତ୍ୟା ଘଟଣାରେ ଗିରଫଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ବିଜୟ କୁମାର ବେହେରା(୨୫) ଓ ଜଳନ୍ଧରଙ୍କ ପୁତୁରା କାଳିଆ ଗିରଫ ହୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଳନ୍ଧରଙ୍କ ଉପରେ ପ୍ରତିଶୋଧ ନେବାକୁ ଜସ୍ମିନଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଏ ସଂକ୍ରାନ୍ତରେ କେସ୍ ନଂ-୧୯୦।୨୪ରେ ଏକ ମାମଲା ରୁଜୁ କରାଯାଇଛି ।

# ନିଖୋଜ ଛାତ୍ରଙ୍କ ମୃତଦେହ ଜବତ




ପରଜଙ୍ଗ,୧୫।୩(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଗାଁ ସ୍ଥିତ ବ୍ରାହ୍ମଣୀ ନଦୀରେ ବୁଡ଼ି ଗୁରୁବାର ନିଖୋଜ ହୋଇଯାଇଥିବା ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନର ବି.ଟେକ୍ ଶେଷ ବର୍ଷର ଛାତ୍ର ସନତ ମାହାଳିକଙ୍କ ମୃତଦେହ ଶୁକ୍ରବାର ବ୍ରିଜ୍ ନିକଟରୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ସନତ ଗାଧୋଉଥିବାବେଳେ ଭାସି ଯାଇଥିଲେ। ଅଗ୍ନିଶମବାହିନୀ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଖୋଜଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି।

# ଡାକ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ, ଗ୍ରାହକ ହନ୍ତସନ୍ତ

ଭୁବନ,୧୫।୩(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଉପ ଡାକଘରେ ଦୀର୍ଘଦିନ ହେବ କର୍ମଚାରୀ ଅଭାବ ନେଇ ଜମାକାରୀ ଓ ଉପଭୋକ୍ତା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭୁବନ ଏସିଆ ମହାଦେଶର ସର୍ବବୃହତ ଗ୍ରାମ। ଅଧିକାଂଶ ଲୋକ ବ୍ୟବସାୟ ସୁବିଧା ପାଇଁ ଡାକଘରେ ଟଙ୍କା ଜମା ଉପରେ ନିର୍ଭର କରିଥାନ୍ତି। ଦୀର୍ଘଦିନ ହେବ କର୍ମଚାରୀ ବଦଳି ହେବା ସତ୍ତ୍ୱେ ଜଣେ ପୋଷ୍ଟମାଷ୍ଟର ଦ୍ୱାରା କାର୍ଯ୍ୟ ଚାଲୁଛି। ଏତ୍‌ଦବ୍ୟତୀତ ଭୁବନ ଉପ ଡାକଘର ଉପରେ ଅଞ୍ଚଳର ୧୦ଟି ଗ୍ରାମ୍ୟ ଡାକସେବା ନିର୍ଭର କରୁଛି। ଏହାସତ୍ତ୍ୱେ ଜଣେ କର୍ମଚାରୀ ସମସ୍ତ କାର୍ଯ୍ୟ କରିବାରେ ବହୁ ସମସ୍ୟା ଉପୁଜୁଛି। ଏହି ସମସ୍ୟାକୁ ନେଇ ଭୁବନ ଓ ଆଖପାଖ ଅଞ୍ଚଳର ବୁଦ୍ଧଜୀବୀ ମହଲରୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଉଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଏପରି କି କର୍ମଚାରୀ ଛୁଟିରେ ରହିଥିବା କହି ଏଡାଇ ଦେଉଛନ୍ତି। ଏହାକୁ ନେଇ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଏହି ସମସ୍ୟାକୁ ନେଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଢେଙ୍କାନାଳ ଜିଲା ସୁପରିଟେଣ୍ଡେଣ୍ଟ ଜଗଦୀଶ ଦାସ କହିଛନ୍ତି, ସେଠାକାର କର୍ମଚାରୀ ଛୁଟିରେ ଅଛନ୍ତି।



# ୨ ଗିରଫ, ୫ ବୋମା ଜବତ

## ବ୍ୟବସାୟୀଙ୍କ ଗ୍ୟାରେଜକୁ ବୋମା ମାଡ଼ ଘଟଣା

କାମାକ୍ଷାନଗର,୧୫।୩ ( ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରଙ୍ଗଧର ଷ୍ଟାଡିୟମ୍ ପଛପାଖ ସାଇବିହାରରେ ରହୁଥିବା ମୋବାଇଲ ଓ ଗୁଟ୍‌ଖା ବ୍ୟବସାୟୀ ସରୋଜ ଭୂଷଣ ମହାନ୍ତିଙ୍କ ଗ୍ୟାରେଜ ଉପରକୁ ବୋମା ମାଡ଼ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାମାକ୍ଷାନଗର ଗୁପ୍ତିନଗରର ଅନୀଲ କୁମାର ନାୟକ(୩୧) ଏବଂ ଅନନ୍ତପୁର କଲୋନୀ ସାହିର ସୌମ୍ୟରଞ୍ଜନ ନାୟକ(୨୮)। ସେମାନଙ୍କଠାରୁ ୫ଟି ଅଫୁଟା ବୋମା ଜବତ କରାଯାଇଥିବା ଶୁକ୍ରବାର କାମାକ୍ଷାନଗର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ କାମାକ୍ଷାନଗର ଏସ୍‌ଡିପିଓ ଶୁଭାଶିଷ ସାହୁ ସୂଚନା ଦେଇଛନ୍ତି। ୫ ଲକ୍ଷ ଟଙ୍କା ଦାଦାବଟି ପାଇଁ ଏହି ଘଟଣା ଘଟିଥିବା ପୋଲିସ କହିଛି। ଥାନା ଅଧିକାରୀ ଧୀରେନ କୁମାର ବେହେରା ଉପସ୍ଥିତ ଥିଲେ। ଏ ନେଇ ନଂ.୧୧୮/୨୪ରେ ମାମଲା ରୁଜୁ ହୋଇଛି।

# ଦୋଳିରେ ନବଜାତ ଶିଶୁକନ୍ୟାଙ୍କୁ ଛାଡ଼ି ଛୁ



ଶିଶୁ ମଙ୍ଗଳ କମିଟି ନିକଟରେ ଉଦ୍ଧାର ଶିଶୁକନ୍ୟା।

ଢେଙ୍କାନାଳ,୧୫।୩(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ କାଠଗଡ଼ା ଅଞ୍ଚଳରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ଦୋଳିରେ ଶୁକ୍ରବାର ପୂର୍ବାହ୍ଣ ପ୍ରାୟ ୧୧ଟାରେ କେହିଜଣେ ଏକ ନବଜାତ ଶିଶୁ କନ୍ୟାକୁ ଛାଡି ପଳାଇଯିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଶିଶୁ କନ୍ୟାଟି ପ୍ରାୟ ଦିନେ କିମ୍ବା ଦୁଇଦିନର ହୋଇଥିବା ସନ୍ଦେହ କରାଯାଉଛି। ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରର ସମାଜସେବୀ ଅଞ୍ଜନା ଶର୍ମା, ଚିତ୍ତରଞ୍ଜନ ମିଶ୍ର ଓ ସଞ୍ଜୟ ବେହେରା ଶିଶୁ କନ୍ୟାଟିକୁ ଦେଖିବା ପରେ ସେବା କେନ୍ଦ୍ରକୁ ଆଣି ଖାଦ୍ୟ ଦେଇଥିଲେ। ପରେ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଆଇନଜୀବୀ ପୁଷ୍ପକ ତ୍ରିପାଠୀ ଓ ସଭ୍ୟ କୃଷିଦା ବେଗମ, ଗୀତିଶ୍ରୀ ପଣ୍ଡା, ବିଭୂତି ଭୂଷଣ ଦାସ ଓ ଅଶ୍ୱିନୀ କୁମାର ମହାପାତ୍ର ଶିଶୁଟିକୁ ଗ୍ରହଣ କରିବା ସହ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କହିଛନ୍ତି, ଶିଶୁକନ୍ୟାଟିର କେହି ଦାବିଦାର ଅଛନ୍ତି କି ନାହାନ୍ତି, ତାହା ଅନୁଧ୍ୟାନ କରାଯିବ। ଯଦି କେହି ଦାବିଦାର ନ ଥିବେ ତେବେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନଗତ ଆଦେଶ ଦିଆଯିବ। ପ୍ରତ୍ୟେକ ଶିଶୁ ସଦନ ବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ନିକଟରେ ଏଭଳି ଦୋଳି ରଖାଯାଇଛି। ଯେଉଁମାନେ ପରିସ୍ଥିତିରେ ପଡ଼ି ଜନ୍ମିତ ଛୁଆକୁ ରଖିବାକୁ ଚାହୁନାହାନ୍ତି, ସେମାନେ ଶିଶୁ ଦୋଳିରେ ପିଲାକୁ ଛାଡିଦେଲେ ପିଲାର ଯତ୍ନ ଓ ସୁରକ୍ଷା ସରକାର ନେବା ସହ ତାର ଏକ ପରିବାର ଏବଂ ସୁନ୍ଦର ଭବିଷ୍ୟତ ଗଠନରେ ସହାୟକ ହେବେ।

